# ଉତ୍କଳୀୟ ବୈଷ୍ଣବ ଧର୍ମରେ ପଞ୍ଚସଖାଙ୍କ ସ୍ୱରୂପ ଓ ଶ୍ରୀଜଗନ୍ନାଥ

● ଡ଼ଃ ପ୍ରଦୀପ କୁମାର ପଟ୍ଟନାୟକ

ଉତ୍କଳୀୟ ଧର୍ମଧାରା ସଂପର୍କେ ଆଲୋଚନା କଲେ ଜଣାଯାଏ ଯେ, ଉତ୍କଳ ବିଭିନ୍ନ ସମୟରେ ବିଭିନ୍ନ ଧର୍ମଧାରାର ସମନ୍ୱୟ-ରକ୍ଷାକାରୀ ଏକ ମିଳନ ପୀଠ । ପ୍ରାଚୀନ କାଳରୁ ଏ ଦେଶ ଏକ ଧର୍ମ-ରକ୍ଷାକାରୀ ଦେଶ ହିସାବରେ ପରିଗଣିତ ହୋଇ ଆସିଛି । ଆର୍ଯ୍ୟମାନେ ଏଠାକୁ ଆସିବା ପୂର୍ବରୁ ଉତ୍କଳୀୟମାନେ ଏଠାରେ ପ୍ରକୃତିର ବିଭିନ୍ନ ପଦାର୍ଥକୁ ପୂଜା କରୁଥିବା ବହୁ ପ୍ରମାଣ ମିଳେ । ଏହାପରେ ଆର୍ଯ୍ୟମାନେ ମାଟି ଦେବତା, ପଥର ଦେବତା, କାଠ ଦେବତା ଆଦିର ପୂଜା ପ୍ରଚଳନ କରି ଉତ୍କଳୀୟ ଧର୍ମଧାରାକୁ ବହୁମାତ୍ରାରେ ଆଗେଇ ନେବା ସହ ଏହି ଧର୍ମଧାରାର କ୍ରମ ପରିବର୍ତ୍ତନ କରୁଥିଲେ । ପରେ ପରେ ଜୈନ, ବୌଦ୍ଧ ଧର୍ମାଦିର ପ୍ରଭାବ ବିସ୍ତାର ଫଳରେ ଉତ୍କଳ ମାଟି ଆହୁରି ରସମୟ ଓ ରହସ୍ୟମୟ ହୋଇ ପଡ଼ିଲା । ଏହି ମାଟିରେ ବିଭିନ୍ନ ଧର୍ମର ରାଜାମାନଙ୍କ ଶାସନ ଓ ଶୋଷଣରେ ଉତ୍କଳୀୟ ଧର୍ମଧାରା ଜର୍ଜରିତ ହୋଇ ବହୁମାତ୍ରାରେ ମାର୍ଜିତ ଓ ପ୍ରଜ୍ୱଳିତ ହୋଇା । ତନ୍ମଧ୍ୟରୁ ଜଗନ୍ନାଥ ସଂସ୍କୃତି ଅନ୍ୟତମ ।

ଉତ୍କଳୀୟ ଧର୍ମଧାରାରେ ବହୁ ଜାତି ଓ ଧର୍ମର ମିଳନ ଘଟିବା ସହ ଜୈନ, ବୌଦ୍ଧ, ନାଥ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ଶାବରାଦି ବହୁ ଧର୍ମର ମହାସ୍ରୋତର ମିଳନ ଘଟିଥିଲା । ତାହା ପରେ ପରେ ମହାବୈଷ୍ଣବୀୟ ଧର୍ମ ଏହି ମହାସ୍ରୋତରେ ମିଶି ଏହାକୁ ଜଗନ୍ନାଥ କୈନ୍ଦ୍ରିକ ବୈଷ୍ଣବଧର୍ମ ବା ଉତ୍କଳୀୟ ବୈଷ୍ଣବଧର୍ମର ଏକ ମହାନ୍ ପରଂପରାରେ ଆବଦ୍ଧ କରାଗଲା । ଏହାର ମୂଳଭିତ୍ତିକୁ ସୁଦୃଢ଼ କରିବା ପାଇଁ ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ 'ଦାସ' ସଂଜ୍ଞାଧାରୀ ଯେଉଁ ପାଞ୍ଚଜଣ ବିଜ୍ଞ ପୁରୁଷ ଏଇ ଉତ୍କଳ ମାଟିରେ ଦେଖାଦେଲେ, ସେମାନେ ହେଲେ ପରମଭକ୍ତ ସିଦ୍ଧସାଧକ ଓ ସାହିତ୍ୟିକ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ । ଏଇ 'ପଞ୍ଚଦାସ' ହେଲେ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ଉତ୍କଳୀୟ 'ପଞ୍ଚସଖା' ।

ଏଇ ସାଧକମାନେ ଗୋଟିଏ ଶତାବ୍ଦୀର ସିଦ୍ଧପୁରୁଷ । ଏମାନେ 'ଦାସ' ସଂଜ୍ଞାଧାରୀ ବୈଷ୍ଣବ ଭାବରେ ପରିଚିତ । ଏମାନେ ସମସ୍ତେ ଉତ୍କଳୀୟ ବୈଷ୍ଣବ ଧର୍ମର ସାଧକ ଓ ଲେଖକ ଥିଲେ । ଏମାନଙ୍କ ଇଷ୍ଟ ଦେବତା ଥିଲେ 'ଶ୍ରୀଜଗନ୍ନାଥ' ଓ ସାଧନା ପୀଠ ଥିଲା 'ପୁରୀ' । ଏମାନଙ୍କ ମନ୍ତ୍ର, ନାମ, ଧାମ ଇତ୍ୟାଦିରେ ଜଗନ୍ନାଥଙ୍କ ଶକ୍ତି ହିଁ ନିହିତ ରହିଥିଲେ । ପଞ୍ଚସଖାଙ୍କ ସଂପର୍କରେ ଅଚ୍ୟୁତାନନ୍ଦ ଦାସ ତାଙ୍କ ଉଦୟକାହାଣୀ ବା ବର୍ଣ୍ଣଟୀକାରେ କହିଛନ୍ତି -

**ଭେକରେ ବ୍ରାହ୍ମଣ ଜାତି ଆମ୍ଭର**
**ପାଦପଦ୍ମ ସେବୀ ଦାସଟି ସାର ।**
**ଦ୍ୱିଜ ସୂର୍ଯ୍ୟ ଆଦି କ୍ଷତ୍ରିୟ ହେଲୁ**
**କରଣ ଶୂଦ୍ର କୁଳ ଉଦ୍ଧାରିଲୁ ।**
**ଆମ୍ଭେ ପାଞ୍ଚସଖା ପଞ୍ଚକୁଳରେ**
**ଜନମ ହୋଇଲୁ କୃଷ୍ଣ ଆଜ୍ଞାରେ ।**

ଏଇ ପଞ୍ଚ ମହାତ୍ମାଙ୍କ ମଧ୍ୟରେ କିଛି କିଛି ଭିନ୍ନତା ଦେଖାଦେଲେ ମଧ୍ୟ ଏମାନେ ଚୈତନ୍ୟଙ୍କ କଳ୍ପବୃକ୍ଷର 'ପଞ୍ଚଶାଖା' । ଏମାନେ ଯେଉଁ ସବୁ ଗ୍ରନ୍ଥମାନ ରଚନା କରିଯାଇଛନ୍ତି, ସେ ସବୁ ପ୍ରାଚୀନ ଗ୍ରନ୍ଥ ତଥା ପୁରାଣ ଶାସ୍ତ୍ର ଉପରେ ଆଧାରିତ ହେବା ସଙ୍ଗେ ସଙ୍ଗେ ଗୀତା, ସଂହିତା, ମାହାତ୍ମ୍ୟ, ମାଳିକା, ପଟଳ, ଓଗାଳ, ସ୍ତୁତି, ଜଣାଣ, ଚଉତିଶା, ଟୀକା ଇତ୍ୟାଦି ନାମରେ ନାମିତ । ଏମାନଙ୍କ ଲିଖନୀରେ ଯେଉଁ ଶକ୍ତି ସଂଚାରିତ ହୋଇଛି ଏବଂ ଏମାନଙ୍କ ଚିନ୍ତାଶକ୍ତି ଯେପରି ଭାବରେ ଜ୍ଞାନର ପରିପକ୍ୱତା ଲାଭ କରିଛି, ସେଥିରୁ ଅନୁମିତ ହୁଏ ଯେ, ଏମାନେ ସବୁ ଏକ ଓ ଅଭିନ୍ନ । ତେଣୁ ଏମାନେ 'ପଞ୍ଚଶାଖା' ହେଲେ ବି 'ପଞ୍ଚସଖା' ଅଟନ୍ତି ।

ଏଇ ଲେଖକଙ୍କ ଦ୍ୱାରା ସଂଗୃହୀତ ଏବଂ ପ୍ରକାଶିତ ପଞ୍ଚସଖାଙ୍କ ସମତା ଓ ଭିନ୍ନତା ସଂପର୍କେ କିଛି ତଥ୍ୟ ନିମ୍ନରେ ପ୍ରକାଶ କରୁଛି ।

**ପଞ୍ଚସଖାଙ୍କ ମଧ୍ୟରେ ଥିବା ସମତା ଓ ଭିନ୍ନତା -**

| | | | | | | |
|---|---|---|---|---|---|---|
| ୧. | ପଞ୍ଚସଖା | ବଳରାମ | ଜଗନ୍ନାଥ | ଅଚ୍ୟୁତ | ଯଶୋବନ୍ତ | ଅନନ୍ତ |
| ୨. | କୁଳ | ଶୂଦ୍ର | ବ୍ରାହ୍ମଣ | ଅହୋକରଣ | କ୍ଷତ୍ରିୟ | କରଣ |
| | | | | | | ସୂର୍ଯ୍ୟକୁଳ |

| | | | | | | |
|---|---|---|---|---|---|---|
| ୩. | ସଂପ୍ରଦାୟ | ବିଷ୍ଣୁସ୍ୱାମୀ | ଅତିବଡ଼ି | ନିମାନନ୍ଦ | ମଧ୍ୱାଚାର୍ଯ୍ୟ | ନିମାନନ୍ଦ |
| ୪. | ଗୁରୁ | ଶ୍ରୀଚୈତନ୍ୟ | ବଳରାମ ଦାସ | ଶ୍ରୀ ସନାତନ<br>ଗୋସ୍ୱାମୀ | ଶ୍ରୀ ଚୈତନ୍ୟ | ଶ୍ରୀ ଚୈତନ୍ୟ |
| ୫. | ମନ୍ତ୍ର ଓ ନାମ | କୃଷ୍ଣ ମନ୍ତ୍ର<br>ରାମତାରକ | ରାଧାମନ୍ତ୍ର<br>୧୬ ନାମ<br>୩୨ ଅକ୍ଷର | ମନ୍ତ୍ରରାଜ<br>ପ୍ରେମଷୋଡ଼ଶୀ<br>ଅଣ ଅକ୍ଷର | ଶ୍ୟାମମନ୍ତ୍ର<br>ଶ୍ୟାମ<br>ପଞ୍ଚାକ୍ଷର | ଗୋପାଳ<br>ମନ୍ତ୍ର, ସୂର୍ଯ୍ୟ-<br>ଏକାକ୍ଷର ଓ<br>ପାଦୁକା ମନ୍ତ୍ର |
| ୬. | ଜପିତ ମନ୍ତ୍ର | ଅଜପା | ଅଣାକାର | ଶୂନ୍ୟ | ଅବନା | ଏକାକ୍ଷର |
| ୭. | ନାମ ଭଜନ | ହରେ-<br>ରାମକୃଷ୍ଣ | ହରେ-<br>ରାମକୃଷ୍ଣ | ହରେ-<br>ରାମକୃଷ୍ଣ | ହରେ-<br>ରାମକୃଷ୍ଣ | ହରେ-<br>ରାମକୃଷ୍ଣ |
| ୮. | ଇଷ୍ଟଦେବତା | ଜଗନ୍ନାଥ | ଜଗନ୍ନାଥ | ଜଗନ୍ନାଥ | ଜଗନ୍ନାଥ | ଜଗନ୍ନାଥ |
| ୯. | ଦୀକ୍ଷା | ବ୍ରହ୍ମଜ୍ଞାନ | ବ୍ରହ୍ମଜ୍ଞାନ | ବ୍ରହ୍ମଜ୍ଞାନ | ବ୍ରହ୍ମଜ୍ଞାନ | ବ୍ରହ୍ମଜ୍ଞାନ |
| ୧୦. | ତିଳକ ଓ<br>ଚିତା | ନାସାଗ୍ର ଠାରୁ<br>କେଶପର୍ଯ୍ୟନ୍ତ<br>ତିକକଗାର ଓ<br>ଭୂ ମଧ୍ୟରେ ବିନ୍ଦୁ | ନାସାଗ୍ର ଠାରୁ<br>କେଶପର୍ଯ୍ୟନ୍ତ<br>ହରିମନ୍ଦିର<br>ଚିତା | ନାସାଗ୍ର ଠାରୁ<br>କେଶପର୍ଯ୍ୟନ୍ତ<br>ହରିମନ୍ଦିର<br>ଚିତା | ନାସାର୍ଦ୍ଧରେ<br>ତିଳକ ବଇଠି<br>କପାଳରେ<br>ହରିମନ୍ଦିର ଚିତା | ଉର୍ଦ୍ଧ୍ୱ-<br>ପୁଣ୍ଡରୀକ<br>ତିଳକ |
| ୧୧. | ସମାଧି | ସମାଧିଯୋଗ | ଜ୍ଞାନଯୋଗ | ତୁରୀୟ<br>(ପରଂବ୍ରହ୍ମକଥନ) | ସମସମାଧି | ଧ୍ୟାନସମାଧି |
| ୧୨. | ପୀଠ | ପୁରୀ ନିକଟସ୍ଥ<br>ସମଗରା<br>ଗର୍ନ୍ଧବ ମଠ | ପୁରୀ<br>ସାତଲହରୀ<br>ମଠ | କଟକ ଜିଲ୍ଲା<br>ନେମାଳ<br>ମଠ | କଟକ ଜିଲ୍ଲା<br>ଅଡ଼ଙ୍ଗ<br>ମଠ | (ପୁରୀ)<br>ବର୍ତ୍ତମାନ<br>ଖୋର୍ଦ୍ଧାଜିଲ୍ଲା<br>ବାଲିପାଟଣା<br>ମଠ(୧) |

ଅଚ୍ୟୁତାନନ୍ଦ ତାଙ୍କ 'ଗୁରୁଭକ୍ତି ଗୀତା'ରେ ଜଗନ୍ନାଥ ଦାସଙ୍କୁ ବାଦ ଦେଇ ଆଉ ଚାରି ସଖାଙ୍କ ସଂପର୍କେ ଯେଉଁ ମତ ବ୍ୟକ୍ତ କରିଛନ୍ତି, ତାହାକୁ ନିମ୍ନରେ ପ୍ରଦାନ କରୁଛି ।

| | | | | | | |
|---|---|---|---|---|---|---|
| ୧. | ସତ୍ୟଯୁଗ | ନାରାୟଣ | ମାର୍କଣ୍ଡ | ନାରଦ | ଗା ଗ୍ରବ | କୃପାଜଳ |
| ୨. | ତ୍ରେତାଯୁଗ | ରାମଚନ୍ଦ୍ର | ସୁଷେଣ | ନୀଳ | ଜାମ୍ବବ | ନଳ |
| ୩. | ଦ୍ୱାପରଯୁଗ | କୃଷ୍ଣ | ସୁବଳ | ଶ୍ରୀଦାମ | ସୁବାହୁ | ସୁଦାମ |
| ୪. | କଳିଯୁଗ | ଶ୍ରୀଚୈତନ୍ୟ | | | | |
| | | (ଗୌଡ଼ୀୟଶାଖା) | ଗୌରୀଦାସ<br>ପଣ୍ଡିତ | ଅଭିରାମ | ଉଦ୍ଧାରଣ ଦତ୍ତ | ସୁନ୍ଦରାନନ୍ଦ |
| | | (ଓଡ଼ିଶୀ ଶାଖା) | ବଳରାମ<br>ଦାସ | ଅନନ୍ତ ଦାସ | ଯଶୋବନ୍ତ<br>ଦାସ | ଅଚ୍ୟୁତାନନ୍ଦ<br>ଦାସ |
| ୫. | | ସଂପ୍ରଦାୟର<br>ଆଚାର୍ଯ୍ୟ | ବିଷ୍ଣୁଶ୍ୟାମ, | ରାମାନନ୍ଦ | ମଧ୍ୱାଚାର୍ଯ୍ୟ | ନିମାନନ୍ଦ |
| ୬. | | ବେଦ | ଅଥର୍ବବେଦ | ସାମବେଦ | ଯଜୁର୍ବେଦ | ରଗ୍‌ବେଦ |

| | | | | | |
|---|---|---|---|---|---|
| ୭. | ବୀଜ | ହରେବୀଜ | ରାମବୀଜ | ହରେବୀଜ | କୃଷ୍ଣବୀଜ |
| ୮. | ଶ୍ରୀକ୍ଷେତ୍ରର<br>ଦେବତା | ସୁଦର୍ଶନ<br>(ଦୂତୀ) | ଭଦ୍ରା<br>(ରାଧା) | ବଳଭଦ୍ର<br>(ଚନ୍ଦ୍ରାବଳୀ) | ଜଗନ୍ନାଥ |
| ୯. | ମଠ | ଚଇତନ ମଠ | ସ୍ୱରୂପ ମଠ | ଆନନ୍ଦ ମଠ | ପ୍ରକାଶ ମଠ |
| ୧୦. | ନାମ ମନ୍ତ୍ର | ହ | ରାମ | ରେ | କୃଷ୍ଣ |
| ୧୧. | ଦେବତା | ବରୁଣ | ହନୁମାନ | ହଂସ | ଗରୁଡ଼ |
| ୧୨. | ମନ୍ତ୍ର | ତୁଳସୀ ମନ୍ତ୍ର | ରାମ ତାରକ | ବିଷ୍ଣୁ ହଂସ | ଗୋପାଳ ମନ୍ତ୍ର |
| ୧୩. | କ୍ଷେତ୍ର | ବିଷ୍ଣୁ କାଞ୍ଚି | ଅଯୋଧ୍ୟା | ଅନନ୍ତ କ୍ଷେତ୍ର | ମଥୁରା |
| ୧୪. | ତୀର୍ଥ | ଶ୍ୱେତଗଙ୍ଗା | ଧନୁକତୀର୍ଥ | ନୈମିଷାରଣ୍ୟ | ଗୋମତୀ<br>ତୀର୍ଥ |
| ୧୫. | ଜପମନ୍ତ୍ର<br>ସାଧକଙ୍କ<br>ମନ୍ତ୍ର | ଶ୍ୟାମ<br>ତାରକ ମନ୍ତ୍ର | ରାମ<br>ଏକାକ୍ଷର ଓ<br>ପାଦୁକା ମନ୍ତ୍ର | ହରେ<br>ଶ୍ୟାମ<br>ପଞ୍ଚାକ୍ଷର | କୃଷ୍ଣ<br>ଅଣ<br>ଅକ୍ଷର (୨) |

**ପଞ୍ଚସଖା ଯୁଗର ଆଧ୍ୟାତ୍ମିକ ପୃଷ୍ଠଭୂମି :-**

ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ 'ସମଗ୍ର ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ତଥା ଆଧ୍ୟାତ୍ମିକ ଭାବନାକୁ ଜଗନ୍ନାଥ ହିଁ ସର୍ବତୋଭାବେ ସମାଚ୍ଛନ୍ନ କରି ରଖିଥିଲେ । ଚୈତନ୍ୟଙ୍କ ପରଠାରୁ ସେହି ଜଗନ୍ନାଥ ଅବଶ୍ୟ କୃଷ୍ଣାଭିମୁଖୀ ହୋଇ କ୍ରମେ ମହାବୈଷ୍ଣବରେ ପରିଣତ ହୋଇଥିଲେ । ମାତ୍ର ଚୈତନ୍ୟଙ୍କ ପୂର୍ବରୁ ସେ ଥିଲେ ମହାବୌଦ୍ଧ । ତାଙ୍କ ଆରାଧନା ପଦ୍ଧତି ଥିଲା ଜ୍ଞାନମିଶ୍ରା ଭକ୍ତି ମାର୍ଗ, ଅଥବା ଯୋଗ ଭିତ୍ତିକ ସାଧନା' (ଓ.ସା.ଇ - ମଧ୍ୟପର୍ବ, ପୃ - ୧୫୧) । ଶିଶୁ ଅନନ୍ତ ଦାସ ତାଙ୍କ 'ହେତୁ ଉଦୟ ଭାଗବତ'ରେ ଶ୍ରୀଜଗନ୍ନାଥ ହିଁ ବୌଦ୍ଧ ରୂପେ ନୀଳାଚଳରେ ବିହାର କରୁଥିବା କଥା ବର୍ଣ୍ଣନା ପ୍ରସଂଗରେ ଲେଖିଲେ -

**ପରମ ପୁରୁଷ ଦେଉଳ । ନୀଳଚକ୍ର ଯେ ଶୂନ୍ୟ ଠୁଳ ।**
**ନେତ୍ର ଯେ ବ୍ରହ୍ମା ବିଷ୍ଣୁ ହର । ଉଡୁଣ ଅଛି ଚକ୍ର ପର ।**
**ଦେଉଳେ ବ୍ରହ୍ମାଣ୍ଡ ଗୋସାଇଁ । ବୁଦ୍ଧ ସ୍ୱରୂପ ବିହରଇ ।**

ଓଡ଼ିଶାରେ ପ୍ରଚଳିତ ବୈଷ୍ଣବ ଧର୍ମକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି - (କ) ଉତ୍କଳୀୟ ବୈଷ୍ଣବ ବା ଓଡ଼ିଶୀ ବୈଷ୍ଣବ, (ଖ) ଗୌଡ଼ୀୟ ବୈଷ୍ଣବ । ଏହି ଦୁଇ ବୈଷ୍ଣବ ଗୋଷ୍ଠୀରେ ବିଶେଷତଃ ଯେଉଁ ପାର୍ଥକ୍ୟ ପରିଲକ୍ଷିତ ହୁଏ, ତାହାର ସମ୍ୟକ୍ ସୂଚନା ନିମ୍ନରେ ପ୍ରଦତ୍ତ ହେଲା ।

ବୈଷ୍ଣବ ଧର୍ମ

| | ଉତ୍କଳୀୟ ବୈଷ୍ଣବ | ଗୌଡ଼ୀୟ ବୈଷ୍ଣବ |
|---|---|---|
| ଜନ୍ମସ୍ଥାନ - | ଶ୍ରୀକ୍ଷେତ୍ର, ପୁରୀ, ଓଡ଼ିଶା | ନବଦ୍ୱୀପ, ବଙ୍ଗଳା |
| ଇଷ୍ଟଦେବତା - | ଶ୍ରୀଜଗନ୍ନାଥ | ଶ୍ରୀକୃଷ୍ଣ |

| | | | |
|---|---|---|---|
| ପ୍ରୀତି | - | ସ୍ୱକୀୟା | ପରକୀୟା |
| ମହାମନ୍ତ୍ର | - | ହରେ ରାମ | ହରେ କୃଷ୍ଣ |
| ଭକ୍ତି | - | ଜ୍ଞାନମିଶ୍ରା ଭକ୍ତି | ପ୍ରେମ ଭକ୍ତି |
| ବାଦ | - | ଅଦ୍ୱୈତ ବାଦ | ଦ୍ୱୈତ ବାଦ |
| ତତ୍ତ୍ୱ | - | ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ | ଗୋଲକ ବା ନିତ୍ୟରାସ ତତ୍ତ୍ୱ |
| ଗାୟତ୍ରୀ | - | ଯୁଗଳ ଗାୟତ୍ରୀ | କାମ ଗାୟତ୍ରୀ |
| କଣ୍ଠିମାଳ | - | ଏକ ସରି | ଏକାଧିକ ସରି |

**ପଞ୍ଚସଖା ଧର୍ମର ସ୍ୱରୂପ ଓ ବୈଶିଷ୍ଟ୍ୟ :-**

ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଅନନ୍ତ, ଏମାନେ ଚୈତନ୍ୟଙ୍କ ପଞ୍ଚସଖା ଥିଲେ ମଧ ଉତ୍କଳୀୟ ବୈଷ୍ଣବ ଧର୍ମକୁ ଏମାନେ ଯେଉଁ ବିଶିଷ୍ଟ ସ୍ୱରୂପ ପ୍ରଦାନ କରିଯାଇଛନ୍ତି, ବିଶେଷତଃ ସେଗୁଡ଼ିକୁ ନିମ୍ନରେ ଉଲ୍ଲେଖ କରୁଛି ।

ପ୍ରଥମତଃ, ବୌଦ୍ଧର୍ମାବଲମ୍ବୀମାନେ ଶୂନ୍ୟବାଦରେ ବିଶ୍ୱାସ କଲାପରି ଏମାନେ ଶୂନ୍ୟବାଦରେ ବିଶ୍ୱାସ କରନ୍ତି । 'ବୌଦ୍ଧଗାନ ଦୋହା'ରେ ଶୂନ୍ୟ ଚତୁର୍ବିଧ-ଯଥା ଶୂନ୍ୟ, ଅତିଶୂନ୍ୟ, ମହାଶୂନ୍ୟ ଓ ତୁରୀୟ ଶୂନ୍ୟ ବା ନିର୍ବାଣ ବିଷୟ ବର୍ଣ୍ଣିତ । ଏହି 'ଶୂନ୍ୟ'ର ପରମ ଜ୍ଞାନ ହେଉଛି 'ନିର୍ବାଣ' । ତେଣୁ ବୁଦ୍ଧ ନିର୍ବାଣପ୍ରାପ୍ତ ହୋଇଥିବା ଯୋଗୁଁ ସେ ହେଉଛନ୍ତି ସ୍ୱୟଂ ଶୂନ୍ୟ ପୁରୁଷ । ବୁଦ୍ଧ ସ୍ୱୟଂ ନିରାକାର ଓ ନିର୍ଗୁଣ ପରି ଏମାନେ ମଧ ଜଗନ୍ନାଥଙ୍କୁ ଶୂନ୍ୟର ପ୍ରତୀକ ରୂପେ ଗ୍ରହଣ କରିଥାନ୍ତି । ଶୂନ୍ୟପୁରୁଷ ସର୍ବଘଟରେ ବିରାଜମାନ କରନ୍ତି । ସେ ବିବିଧ ମାୟା, ମୋହ ବନ୍ଧନରେ ରହିବା ସଂଗେ ସଂଗେ ଏଥିରୁ ଅଲଗା ହୋଇ ମଧ ରହିଥାନ୍ତି । ଏହି ଶୂନ୍ୟ ପୁରୁଷ ହିଁ ନିରାକାର । ଏହାଙ୍କୁ ପାଇବା ପାଇଁ ହେଲେ ଦ୍ୱାତ୍ରିଂଶ ଅକ୍ଷର (ହରେ ରାମକୃଷ୍ଣ ମହାମନ୍ତ୍ର) ଭଜନ କଲେ ପରମ ଗତି ମିଳିଥାଏ । ତେଣୁ ଅଚ୍ୟୁତାନନ୍ଦ ତାଙ୍କ ଶୂନ୍ୟ ସଂହିତାରେ ବର୍ଣ୍ଣନା କଲେ -

**ଉର୍ଦ୍ଧ୍ୱେ କରଯୋଡ଼ି କରତୁ ଲୟେ । ଉର୍ଦ୍ଧ୍ୱ ମୁଖ କରି କରତୁ ଲୟେ ।**
**ଉର୍ଦ୍ଧ୍ୱମୁଖ କରି ଚିତାକୁ ଧାୟି । ତ୍ରିକୂଟ ସନ୍ଧି ଅଲେଖକୁ ଚାହିଁ ।**
**ନିରାକାର ମନ୍ତ୍ର କଣ୍ଠ ଚକ୍ରରେ । ବୋଲିବାକୁ ସ୍ୱର ଅର୍ଦ୍ଧ ମୁଖରେ ।**
**ଦ୍ୱାତ୍ରିଂଶ ଅକ୍ଷର ଉଚ୍ଚାର କର । ନୟନ ନ ଚଳୁ ଚିତା ଚକ୍ରର ।**
**ଯେସନରେ ବାବୁ ବୋଇତ କାକ । ନଚଳେ ନଚାଲେ ତିଳ ମାତ୍ରକ ।**

(୭ମଅ.)

ଦ୍ୱିତୀୟତଃ, ଏମାନେ ଯୋଗ ସାଧନାକୁ ବିଶେଷ ରୂପେ ଧ୍ୟାନ ଦେଇଥାଆନ୍ତି । ଏମାନେ ଭାବନ୍ତି ଯେ, ଯୋଗ ସାଧନା ବଳରେ ଶରୀର ଆୟତ୍ତାଧୀନ ରହେ । ଶରୀର ଆୟତ୍ତାଧୀନ ରହିଲେ କାୟାର ସ୍ଥିରତା ଆସେ । କାୟାର ସ୍ଥିରତା ଆସିଲେ ସିଦ୍ଧିପ୍ରାପ୍ତି ହୁଏ ବା ସାଧକର ଆତ୍ମା ସହ ପରମାତ୍ମାର ସଂଯୋଗ ହୁଏ ।

ତୃତୀୟତଃ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ପଞ୍ଚସଖା ସାହିତ୍ୟରେ ବିଶେଷ ଭାବେ ଦେଖିବାକୁ ମିଳେ । ପିଣ୍ଡ ମଧରେ ବ୍ରହ୍ମାଣ୍ଡର ତତ୍ତ୍ୱ ପୂରି ରହିଛି । ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବିଶ୍ୱରୂପ ଦେଖାଇବା ଓ ପାଟି ଭିତରେ ମାଟି ରହିଛି କି ନାହିଁ ଜାଣିବା ପାଇଁ ମାତା ଯଶୋଦା ଶ୍ରୀକୃଷ୍ଣଙ୍କ ପାଟିକୁ ଦେଖିବା ମଧରେ ରହିଛି ପିଣ୍ଡ ମଧରେ ବ୍ରହ୍ମାଣ୍ଡର ପରିକଳ୍ପନା । ଏଠାରେ ସାଧକ ବା ଜ୍ଞାନୀ ପିଣ୍ଡ ଓ ବ୍ରହ୍ମାଣ୍ଡ ମଧରେ କୌଣସି ପାର୍ଥକ୍ୟ ଲକ୍ଷ୍ୟ କରେ ନାହିଁ । ତେଣୁ ବଳରାମ ଦାସ ତାଙ୍କ ବିରାଟ ଗୀତାରେ ଲେଖିଛନ୍ତି -

**ବ୍ରହ୍ମାଣ୍ଡେ ଯେତେ ବିଧିମତ । ପିଣ୍ଡରେ ରହିଛି ସମସ୍ତ ।।**
**ପିଣ୍ଡ ବ୍ରହ୍ମାଣ୍ଡ ଏକ ମତ । ତୋ'ଆଗେ କହିଗଲି ତତ୍ତ୍ୱ ।।**
**ବ୍ରହ୍ମାଣ୍ଡେ ବୁଡ଼ିଣ ନ ମର । ଏ ପିଣ୍ଡେ ସର୍ବ ହେତୁ କର ।।**

ଚତୁର୍ଥତଃ, ଏମାନେ ଭକ୍ତିରେ ବିଶ୍ୱାସ କରନ୍ତି । ଭକ୍ତି ଦୁଇ ପ୍ରକାର - (୧) ଶୁଦ୍ଧ ଭକ୍ତି । ଯାହା ଶ୍ରବଣ କୀର୍ତ୍ତନ ଠାରୁ ଆରମ୍ଭ କରି ଆତ୍ମ ନିବେଦନ ପର୍ଯ୍ୟନ୍ତ ନଅଟି ବୈଶିଷ୍ଟ୍ୟକୁ ପ୍ରକାଶ କରିଥାଏ । ଏହାକୁ ନବଧା ଭକ୍ତି କୁହାଯାଏ; (୨) ଜ୍ଞାନ ମିଶ୍ରାଭକ୍ତି । ଏମାନେ ଶୁଦ୍ଧା ଭକ୍ତିକୁ ବିଶ୍ୱାସ କଲେ ମଧ ଜ୍ଞାନ ମିଶ୍ରା ଭକ୍ତିରେ ଦୃଢ଼ ବିଶ୍ୱାସ ରଖିଥାନ୍ତି । ଏହାର ମୂଳ ଉଦ୍ଦେଶ୍ୟ ହେଲା ଜ୍ଞାନ ସାହାଯ୍ୟରେ ହିଁ ଜଣେ ଭଗବାନଙ୍କୁ ପାଇ ପାରିବ । ତେଣୁ ବଳରାମ ଦାସ ତାଙ୍କ ଗୁପ୍ତଗୀତାରେ ଲେଖିଲେ -

**ଜ୍ଞାନ ଯେ ପରମ ଅଟଇ**
**ପୂର୍ବେ ଯେ କହି ନ ଜାଣଇ ।**
**ଯେ ଜ୍ଞାନ ହୋଇଛି ଗୁପତ**
**ଓଁ କାର ଭିତରେ ଏ ତତ୍ତ୍ୱ ।**

ପଞ୍ଚମତଃ ଜ୍ଞାନ କହିଲେ ଜ୍ଞାନଯୋଗକୁ ମଧ ବୁଝାଏ । ଶୂନ୍ୟସାଧନା ମଧ ଜ୍ଞାନ ଭାବରେ ପରିଲକ୍ଷିତ । ତେଣୁ ଏମାନେ ଜ୍ଞାନମିଶ୍ରା ଭକ୍ତିର ଉପାସକ ଥିଲେ । କିନ୍ତୁ ଯଶୋବନ୍ତ ଦାସ ତାଙ୍କ ପ୍ରେମଭକ୍ତି ବ୍ରହ୍ମଗୀତାରେ ଏହି ପ୍ରେମଭକ୍ତି ସଂପର୍କେ କହିଲେ-

**ପ୍ରେମ ଭକ୍ତିରୁ ଭକ୍ତି ନାହିଁ, ପ୍ରେମ ନିକଟେ ଥାଏ ମୁହିଁ ।**
**ଭକ୍ତି ଯେ ନବ ପରକାର, ପ୍ରେମ ଭକତି ଅଟେ ସାର ।**
**ପ୍ରେମ ଭକ୍ତିରେ ଭକ୍ତିସୀମା, କହିବି ପ୍ରେମର ଗାରିବା ।**

ଷଷ୍ଠତଃ, ଦୁଷ୍ଟ ଦଳନ ନିମନ୍ତେ ଭଗବାନ ଯେପରି ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଯୁଗରେ ଜନ୍ମଗ୍ରହଣ କରିଥାନ୍ତି, ସେମିତି ଚୈତନ୍ୟ ମଧ କଳିଯୁଗରେ ଭଗବାନ ରୂପରେ ଜନ୍ମ

ଗ୍ରହଣ କରି ଲୀଳା ଖେଳାର ପ୍ରଚାର କରିଛନ୍ତି ଓ ତାଙ୍କ ମହିମାରୁ ଏ ପଞ୍ଚସଖା ମଧ ଜନ୍ମଗ୍ରହଣ କରି ତାଙ୍କ ସହ ଲୀଳା ପ୍ରଚାରରେ ସାହାଯ୍ୟ କରିଛନ୍ତି ବୋଲି ସେମାନଙ୍କ ବିଶ୍ୱାସ । ପଞ୍ଚସଖା ଧର୍ମରେ ଏଇ ଅବତାର ତତ୍ତ୍ୱ ଏକ ଅଲୌକିକ ଦିଗ୍‌ଦର୍ଶନ । ଯଶୋବନ୍ତ ଦାସଙ୍କ ଶିଷ୍ୟ ସୁଦର୍ଶନ ଦାସଙ୍କ ଚୌରାଅଶୀ ଆଜ୍ଞାରେ ବର୍ଣ୍ଣିତ ଅଛି -

**ଜନମ ହେଲେ ଭଗବାନ । ଚୈତନ୍ୟ ପ୍ରଭୁ ବୋଲି ନାମ ॥**
**ତାଙ୍କ ଆଜ୍ଞାରୁ ପଞ୍ଚସଖା । ଜନମ ହୋଇ ସଂଗେ ଲେଖା ॥**

ସପ୍ତମତଃ, ପଞ୍ଚସଖା ଧର୍ମରେ ଗୁରୁସେବା ହିଁ ପରମ ଧର୍ମ । ସଦ୍‌ଗୁରୁ ସେବାରେ ଭଗବାନ ପ୍ରାପ୍ତ ହୁଅନ୍ତି । ଏଥିରେ ସକଳ ପାପ ନାଶ ହୁଏ । ଗୁରୁ ହେଉଛନ୍ତି ସାକ୍ଷାତ୍ ଈଶ୍ୱର ସମାନ । ତେଣୁ ଜଗନ୍ନାଥ ଦାସ ତାଙ୍କ ଭାଗବତରେ ଲେଖିଲେ-

**ସାକ୍ଷାତେ ଗୁରୁ ଯେ ଈଶ୍ୱର । ଗୁରୁଙ୍କ ନମଣିବ ନର ।**

ପୁଣି ଅଚ୍ୟୁତାନନ୍ଦ ଦାସ ତାଙ୍କ ଗୁରୁଭକ୍ତି ଗୀତାରେ ଲେଖିଲେ -

**ଗୁରୁ ମୁକତି ଗତି ଦାତା । ଗୁରୁଟି ଜୀବ ଉଦ୍ଧାରନ୍ତା ।**

ଅଷ୍ଟମତଃ, ପଞ୍ଚସଖା ଯୁଗରେ ମନ୍ତ୍ର, ଯନ୍ତ୍ର ଓ ତନ୍ତ୍ରାଦିର ମଧ ପ୍ରଚଳନ ଥିଲା । ଏ ସମୟେ ବାମାଚାରୀ ଓ ଦକ୍ଷିଣାଚାରୀ ତନ୍ତ୍ରପୂଜାର ପ୍ରୟୋଗ ଥିଲା । କିନ୍ତୁ ଏମାନେ ଦକ୍ଷିଣାଚାରୀ ମତ (ସାତ୍ତ୍ୱିକ ମତ)ରେ ପୂଜା କରିବାର ବହୁ ସୂଚନା ମିଳେ । ଯାହାକି ବର୍ତ୍ତମାନ ମଧ ମଠ ମନ୍ଦିରାଦିରେ ପ୍ରଚଳନ ହୋଇ ଆସୁଅଛି ।

ନବମତଃ, ପଞ୍ଚସଖା ଧର୍ମର କେତେକ ତାତ୍ତ୍ୱିକ ଆଲୋଚନା ମଧରେ ଘଟସାଧନା ଏହାର ଏକ ଆଲୋଚ୍ୟ ବିଷୟ । ଏମାନଙ୍କ ମତରେ ଘଟରେ ହିଁ ବ୍ରହ୍ମ ବିଦ୍ୟମାନ । ଘଟସାଧନା ବଳରେ ଜୀବ ଓ ପରମର ମିଳନ ହୁଏ ବୋଲି ଏମାନଙ୍କ ମତ । ତେଣୁ ଅଚ୍ୟୁତାନନ୍ଦ ଦାସ ତାଙ୍କ ପରମ ଜ୍ଞାନଗୀତାରେ ବର୍ଣ୍ଣନା କଲେ -

**ଦୁର୍ଲଭ ଏ ନରଘଟ ଏଥୁ ଶ୍ରେଷ୍ଠ ନାହିଁ ।**
**ଘଟକୁ ଛାଡ଼ିଲେ ମନ ପାଇବୁ ତୁ କାହିଁ ॥**

ଦୁନିଆରେ ଯେତେ ଜୀବ ଅଛନ୍ତି, ସେ ସମସ୍ତଙ୍କ ଠାରୁ ମନୁଷ୍ୟ ଜୀବନ ହିଁ ସାର୍ଥକ ଜୀବନ । ତେଣୁ ମନୁଷ୍ୟ 'ଘଟ'କୁ ଚିହ୍ନିଲେ ସେ ମହାଜ୍ଞାନୀ ହୋଇଯାଏ । ଯେ ନ ଚିହ୍ନେ, ସେ ଏଣେ ତେଣେ ହୋଇ ବୁଲେ । ତେଣୁ ବ୍ରହ୍ମଶାଙ୍କୁଳିରେ କବି ଘଟର ପ୍ରତିପାଦନ କରି କହିଛନ୍ତି ଯେ, ଘଟରେ ହିଁ ବ୍ରହ୍ମ ବିଦ୍ୟମାନ । ସେମାନେ ଏ ଶରୀରକୁ ଏକ ମନ୍ଦିର କରି ତା' ମଧରେ ବ୍ରହ୍ମଙ୍କୁ ଚିହ୍ନିବା ସହ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ମଧ ପ୍ରତ୍ୟକ୍ଷ ରୂପେ ଚିହ୍ନି ପାରିଛନ୍ତି ।

ପଞ୍ଚସଖାଙ୍କ ଉପରୋକ୍ତ ଆଲୋଚ୍ୟ ମତମାନଙ୍କ ଭିତରେ ଜଗନ୍ନାଥ ଚେତନା ଅତି ସୂକ୍ଷ୍ମ ରୂପେ ସେମାନଙ୍କୁ ଆଚ୍ଛନ୍ନ କରି ରଖିଛି । କାରଣ ସେମାନଙ୍କ ଦୃଷ୍ଟିରେ ଜଗନ୍ନାଥ ହେଉଛନ୍ତି ମହାବିଷ୍ଣୁ । ତେଣୁ ଜଗନ୍ନାଥ କ୍ଷେତ୍ରକୁ ନିତ୍ୟ ରାହାସ ସ୍ଥଳୀ ରୂପେ ଗ୍ରହଣ କରିବା ସହ ଶ୍ରୀକ୍ଷେତ୍ରକୁ ସକଳତୀର୍ଥମାନଙ୍କ ମଧରେ ଶ୍ରେଷ୍ଠ କ୍ଷେତ୍ର ହିସାବରେ ବର୍ଣ୍ଣନା କରି କବି ଯଶୋବନ୍ତ ଦାସ ତାଙ୍କ ପ୍ରେମଭକ୍ତିଗୀତାର ପଞ୍ଚମ ଅଧାୟରେ ବର୍ଣ୍ଣନା କଲେ -

**କହିଲୁ ସେ ପୁରୁଷୋତ୍ତମ । ନିତ୍ୟ ରାହାସ ଅନୁପମ**

x x x x

**ଦେଖ ଯେ ନିତ୍ୟ ନୀଳଚାଳ । ସକଳ ତୀର୍ଥଙ୍କର ଆଳ ॥**
**ଗୋପ ମଥୁରା ବୃନ୍ଦାବନ । ଦ୍ୱାରିକା ଆଦି ଯେତେ ସ୍ଥାନ ॥**
**ସକଳ ଯେହି ସ୍ଥାନେ ପାଇ । ଆବର କାଶୀ ମଧ ହୋଇ ॥**
**କୋଟିଏ ତୀର୍ଥ ଏ କ୍ଷେତ୍ରରେ । ମହିମା କହିଲେ ନସରେ ॥**

ପୁଣି ଜଗନ୍ନାଥ ଦାସ ତାଙ୍କ କ୍ଷେତ୍ରବର ଚଉତିଶାରେ ଶ୍ରୀକ୍ଷେତ୍ର ବା ଶଙ୍ଖକ୍ଷେତ୍ରର ମହତ୍ତ୍ୱ ପ୍ରତିପାଦନ କରିବା ସହ ଶ୍ରୀକ୍ଷେତ୍ର ସହ ବୃନ୍ଦାବନକୁ ତୁଳନା କରି ଶ୍ରୀକ୍ଷେତ୍ରକୁ 'କ୍ଷେତ୍ର ଶ୍ରେଷ୍ଠ' ବା 'କ୍ଷେତ୍ରବର' ବୋଲି ବର୍ଣ୍ଣନା କରି ଲେଖିଲେ -

**ପିତା ମୋର ଭଗବାନ ଦାସ ମହାଶୟ**
**ପଦ୍ମାବତୀ ମାତା ମୋର ସଦ୍‌ଗୁଣ ନିଚୟ ।**
**କପିଳେଶ୍ୱର ପୁର ଯେ ଶାସନ ଗରିଷ୍ଠ**
**ବିପ୍ରକୁଳେ ଜାତି ମୁହିଁ ଏକ ବ୍ରହ୍ମନିଷ୍ଠ ।**
**ଜଗନ୍ନାଥ ବିନୁ ଆନ ନ ଜାଣଇ ମୁହିଁ**
**କ୍ଷେତ୍ରବର କୁ ଗୋକୁଳ ବୋଲି ବିଚାରଇ ।**
**ପଞ୍ଚତୀର୍ଥ, ପଞ୍ଚଧାରା, ରାଧା ଶ୍ୟାମ କୁଣ୍ଡ**
**ନୀଳଶଇଳ ଅଟଇ ଗୋବର୍ଦ୍ଧନ ଖଣ୍ଡ ।**

ପଞ୍ଚସଖା ସାଧକମାନେ ସଦା ସନ୍ତତ ପ୍ରତ୍ୟେକ କଥାରେ ଜଗନ୍ନାଥଙ୍କୁ ସ୍ମରଣ କରିଥାଆନ୍ତି । ତେଣୁ ନିଜ ଶରୀରକୁ ଶ୍ରୀଜଗନ୍ନାଥ ମନ୍ଦିର ବିବେଚନା କରି ବଳରାମ ଦାସ ତାଙ୍କ ବିରାଟ ଗୀତାରେ ଅର୍ଜୁନଙ୍କୁ କଥୋପକଥନ ଶୈଳୀରେ ବୁଝାଇ ଲେଖିଲେ -

**ବଡ଼ ଦେଉଳ ବୋଲି ଯାହା । ନିଶ୍ଚୟ ଏ ତୋହର କାୟା**
**ବଡ଼ ଦାଣ୍ଡଟି ଯାହା କହି । ଅର୍ଜୁନ ତୋର ମୁଖ ସେହି**
**ବାଇଶି ପାହାଚଟି ପୁଣ । କଣ୍ଠ ତଳକୁ ହେ ଅର୍ଜୁନ**
**ଅଠର ନଳା ଯାହା କହି । ତୋହର ଗଳା ସେ ଅଟଇ ।**

ଶ୍ରୀଜଗନ୍ନାଥ ଜଗତର ନାଥ । ଜଗତକୁ ଉଦ୍ଧାରଣ ପାଇଁ ସେ ହୋଇଛନ୍ତି ଦାଶରଥି ଏବଂ ଦେବକୀନନ୍ଦନ ତଥା ବୌଦ୍ଧ, କଲ୍‌କୀ ଆଦି ଦଶ ଅବତାରୀ, ଦୈତ୍ୟ ସଂହାରୀ

ମୁରାରି !! ତେଣୁ ବଳରାମ ଦାସ ତାଙ୍କ ମହାକାବ୍ୟ ରାମାୟଣରେ ବର୍ଣ୍ଣନା କଲେ -

**ବନ୍ଦଇ ଶ୍ରୀ ଜଗନ୍ନାଥ କମଳାର ପତି**
**ସର୍ବ ଦେବ ନିସ୍ତାରଣ ପ୍ରସନ୍ନ ମୂରତି ।**

x x x x

**ମତ୍ସ୍ୟ କୂର୍ମ ବରାହ ନୃକେଶରୀ ବାମନ**
**ଶ୍ରୀରାମ ରୂପୀ ଯେ ତୁମ୍ଭେ ଦେବକୀ ନନ୍ଦନ**
**ବଉଦ କଳିକି ଯେ ହୋଇଲୁ ଦେବ ହରି**
**ଦଶ ଅବତାର ତୁହି ଦଇତ ସଂହାରି ।**

ଶୂନ୍ୟ, ଅଣାକାର, ନିର୍ଗୁଣ ବ୍ରହ୍ମ ରୂପୀ ଶ୍ରୀଜଗନ୍ନାଥଙ୍କୁ ଦେଖି ଭକ୍ତି ଗଦ୍‌ଗଦ୍ ହୋଇ ଅଚ୍ୟୁତାନନ୍ଦ ତାଙ୍କ ହରିବଂଶ ପୁରାଣର ପ୍ରଥମ ଖଣ୍ଡରେ ଲେଖିଲେ -

**ଜୟ ନୀଳାଚଳ ନାଥ ନୀଳାଦ୍ରି ବିହାରୀ**
**ଅବିକାର ବ୍ରହ୍ମ ତୁମ୍ଭେ ପ୍ରାଣ ଅଧିକାରୀ**
**ଯୋଗୀ ଜନମାନଙ୍କର ଅଟ ଆଦି ମୂଳ**
**ତୁମ୍ଭ ରୂପ ରେଖ ବର୍ଣ୍ଣ ନାହିଁ ଶୂନ୍ୟଠୁଳ ।**

ବଡ଼ସଖା ବଳରାମ ଦାସ ତାଙ୍କ ଗୁପ୍ତଗୀତାରେ ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା, ସୁଦର୍ଶନ ଚକ୍ରଙ୍କ ସମ୍ବନ୍ଧରେ ବର୍ଣ୍ଣନା କରି ଲେଖିଲେ -

**ବଳଭଦ୍ର ଯେ ସାମ ହୋଇ । ଋକ୍ ଯେ ସୁଭଦ୍ରା ଅଟଇ**
**ଯଜୁର୍ବେଦ ଶ୍ରୀଜଗନ୍ନାଥ । ଅଥର୍ବ ସୁଦର୍ଶନ ପାର୍ଥ**
**ନାସିକା ସୁଦର୍ଶନ କହି । ଅଧର ସୁଭଦ୍ରା ଅଟଇ**
**ନୟନ ଜଗନ୍ନାଥ ଜାଣ । ବଳଭଦ୍ରଟି ଯେ ଶ୍ରବଣ(୭ମ.ଅ.)**

ଅଚ୍ୟୁତାନନ୍ଦ ତାଙ୍କ ଶୂନ୍ୟ ସଂହିତାରେ ମହାମନ୍ତ୍ରର ଅର୍ଥ ପ୍ରକାଶ କରି ଲେଖିଲେ -

**ହରେ ରାମ ହରେ ରାମ ରାମ ରାମ ହରେ ହରେ**
**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।**
**ହରେ ରାମ ଅଷ୍ଟ ନାମ କୃଷ୍ଣ ନାମ ଚାରି**
**ରାମ ନାମ ଚାରି ଗୋଟି ଷୋଳ ନାମ ହରି ।**

ଏହି ମହାମନ୍ତ୍ର ଭିତରେ ଯେ 'କୃଷ୍ଣ' ସେ ହିଁ 'ଜଗନ୍ନାଥ' । ତେଣୁ କବି ବର୍ଣ୍ଣନା କରି ଲେଖିଲେ -

**ମହାମନ୍ତ୍ରେ କୃଷ୍ଣ ଯେହୁ ଜଗନ୍ନାଥ ସେହି**
**ଦ୍ୱିତୀୟ କୃଷ୍ଣକୁ କାମ ଦାମ ବୋଲି କହି ।**

ଅଚ୍ୟୁତାନନ୍ଦ ପୁଣି ତାଙ୍କ ଶୂନ୍ୟ ସଂହିତାରେ ପଞ୍ଚତତ୍ତ୍ୱ ବା ପଞ୍ଚବୀଜ ଯଥା :- ହ୍ଲାଁ ଶ୍ଳାଁ କ୍ଲାଁ ଧ୍ଲାଁ ପ୍ଲାଁ ଏହି ପଞ୍ଚ ବୀଜରେ ବଳଭଦ୍ର, ସୁଭଦ୍ରା, ମୁରାରି, ଚନ୍ଦ୍ରାବଳୀ, ଲକ୍ଷ୍ମୀ, ପୃଥ୍ୱୀ, ରମା, ସୁଦର୍ଶନ, ରସାନନ୍ଦ, ଶ୍ରୀକୃଷ୍ଣ, ତନୁ, ଧର୍ମ ସିଂହାସନ ପ୍ରଭୃତି ବିଷୟର ସୂଚନା ଦେଇଛନ୍ତି । ଏହି ପଞ୍ଚବୀଜ ମଧ୍ୟରୁ କ୍ଲାଁ ବୀଜରୁ ହିଁ କିଶୋର ବୟସରେ କୃଷ୍ଣ ଜଗନ୍ନାଥ ରୂପେ ଆବିର୍ଭାବ ହେବା କଥା ବର୍ଣ୍ଣନା କରି ଲେଖିଲେ -

**କାମ ବୀଜର ସେ ଏକୁ ଆରେକ ମହିମା**
**କ୍ଲାଁ ବୀଜ ବୋଲିଣ ଯେହୁ ଶୁଦ୍ଧଭକ୍ତି ସୀମା ।**
**କିଶୋର ବୟସରେ କୃଷ୍ଣ ଜଗନ୍ନାଥ ସେହି**
**ରସାନନ୍ଦ ସ୍ୱରୂପେ ସେ ଆପେ ଭାବଗ୍ରାହୀ ।**

ଏହି ରସାନନ୍ଦ ସ୍ୱରୂପୀ ଶ୍ରୀ ଭାବଗ୍ରାହୀ ପରଂବ୍ରହ୍ମ ରୂପୀ ଶ୍ରୀଜଗନ୍ନାଥଙ୍କ ଠାରୁ ଏ ସୃଷ୍ଟି ଆରମ୍ଭ ହୋଇଛି ବୋଲି ଏମାନେ ବିଶ୍ୱାସ କରନ୍ତି । ଏମାନେ ଜଗନ୍ନାଥଙ୍କୁ ଅବତାରୀ ରୂପେ ଗ୍ରହଣ କରି କୃଷ୍ଣଙ୍କୁ ଶ୍ରୀଜଗନ୍ନାଥଙ୍କ ଷୋଳକଳାରୁ ଏକକଳା ହିସାବରେ ବର୍ଣ୍ଣନା କରିଛନ୍ତି ।

ଜ୍ଞାନମିଶ୍ରା ଭକ୍ତି ମାଧ୍ୟମରେ ଜାତି, କୁଳ, ଗୋତ୍ର ନିର୍ବିଶେଷରେ ଯେଉଁ ଧର୍ମକୁ ସର୍ବଧର୍ମର ଆଧାର ରୂପେ ଗଢ଼ି ତୋଳିଲେ, ତାହା ଯୋଗେ ସେମାନେ ହେଲେ ଏଇ ଉତ୍କଳମାଟିର ଯୋଗଜନ୍ମା ସିଦ୍ଧ ପୁରୁଷ 'ପଞ୍ଚସଖା' । ଏମାନେ ଥିଲେ ପଞ୍ଚ ସାହିତ୍ୟରଥୀ । ଏମାନଙ୍କ ସାହିତ୍ୟ ଭିତରେ ଏମାନେ ସମଭାବାତ୍ମକ ଧର୍ମଧାରାକୁ ରୂପାୟିତ କରି ଶୁଦ୍ଧ ଭକ୍ତିପୂର୍ଣ୍ଣ ବୈଷ୍ଣବୀୟ ଗୁଣାବଳୀରେ ଶ୍ରୀଜଗନ୍ନାଥଙ୍କୁ ଶୀର୍ଷସ୍ଥାନ ଦେଇ ମହା ବୈଷ୍ଣବୀୟ ଭାବଧାରାରେ ରୂପାୟିତ କରି ମହାନ୍ ଧର୍ମ ପରଂପରା ଭିତ୍ତିକ ଯୁଗ ସୃଷ୍ଟି କରିପାରିଛନ୍ତି । ଆଜି ସେମାନଙ୍କ ଲାଗି ହିଁ ଆମର ଜଗନ୍ନାଥ ଧାମ ବା ଶ୍ରୀକ୍ଷେତ୍ର ସର୍ବଧର୍ମର ମିଳନ କ୍ଷେତ୍ର ହିସାବରେ ପରିଗଣିତ ହୋଇ ମର୍ତ୍ତ୍ୟ ବୃନ୍ଦାବନ ରୂପେ ବିଶ୍ୱ ଦରବାରରେ ବନ୍ଦିତ, ପୂଜିତ ହୋଇ ପାରିଛି ।

ତେଣୁ ଉତ୍କଳର ଏଇ ସିଦ୍ଧ ସାଧକ 'ପଞ୍ଚସଖା'ଙ୍କୁ ଏ ଜାତିର କୋଟି ପ୍ରଣାମ ।

❑❑❑

**ରେଡ଼୍‌କ୍ରସ ରୋଡ଼ (ଶିଶୁ ଉଦ୍ୟାନ ନିକଟ)**
**ଭଞ୍ଜନଗର - ୭୬୧୧୨୬ (ଗଞ୍ଜାମ)**
**ଓଡ଼ିଶା**

ପଞ୍ଚସଖା ଧର୍ମ ଓ ଶ୍ରୀଜଗନ୍ନାଥ - ଡ଼କ୍ଟର ପ୍ରଦୀପ ପଟ୍ଟନାୟକ, 'ସ୍ମରଣିକା' - ଉତ୍କଳ ସାଂସ୍କୃତିକ ପରିଷଦ, ସୁନାବେଡ଼ା - ୨, ପୃ-୧, ୧୯୯୫ ମସିହା ।
ଓଡ଼ିଶାର ଧର୍ମଧାରାରେ ପଞ୍ଚସଖା ପରିକଳ୍ପନା- ଡ଼ଃ ନଟବର ସାମନ୍ତରାୟ, ପ୍ରକାଶକ - ଗ୍ରନ୍ଥାଳୟ, ଭୁବନେଶ୍ୱର - ୧୯୮୨, ପୃ - ୧୩୪.